# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 23 March – 2025

### News Editor : Tapan Kumar Moharana

***********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି  ଓଡ଼ିଶା ଗସ୍ତରେ ଆସି ନୟାଗଡ଼ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ
- ରାଜ୍ୟର ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ସମୀକ୍ଷା କଲେ କେନ୍ଦ୍ର ଶକ୍ତି ମନ୍ତ୍ରୀ ମନୋହରଲାଲ ଖଟ୍ଟର

— ଚଳିତମାସ ଶେଷ ସୁଦ୍ଧା ଆନ୍ତଃରାଜ୍ୟ ବିଦ୍ୟୁତ୍ ସରବରାହ ପାଇଁ ସବୁଜ ଶକ୍ତି କରିଡର ଉପରେ ଗୁରୁତ୍ୱ

- କାଳବୈଶାଖୀଜନିତ ବର୍ଷାରେ କ୍ଷତିଗ୍ରସ୍ତ ଲୋକଙ୍କୁ ମିଳିବ ସହାୟତା ରାଶି; କହିଲେ ରାଜସ୍ୱ ମନ୍ତ୍ରୀ
- ସହିଦ୍ ଭଗତ୍ ସିଂ, ଶୁକଦେବ ଏବଂ ରାଜଗୁରୁଙ୍କ ଦେଶପ୍ରେମ ଓ ବଳିଦାନକୁ ସ୍ମରଣ କରି ଆଜି ପାଳନ କରାଯାଉଛି ବଳିଦାନ ଦିବସ

ଏବଂ

- 'ପାଣିପାଗର ସଠିକ୍ ପୂର୍ବାନୁମାନ କରି ବିପର୍ଯ୍ୟୟ ରୋକିବା' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ପାଣିପାଗ ଦିବସ

## ରାଷ୍ଟ୍ରପତି - ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସିବେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନୟାଗଡ଼ ଜିଲ୍ଲାର କଣ୍ଟିଲୋ ନୀଳମାଧବଙ୍କୁ ଦର୍ଶନ କରିବା ପରେ କାଳିଆପଲ୍ଲୀଠାରେ ଭାରତୀୟ ବିଶ୍ୱାବସୁ ସମାଜ ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବେ। ସନ୍ଧ୍ୟାରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ଶ୍ରୀମତୀ ମୁର୍ମୁ ରାଜଭବନରେ ରାତ୍ରିଯାପନ କରିବେ। ପରଦିନ ବାୟୁସେନା ବିମାନରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି।

## ମୁଖ୍ୟମନ୍ତ୍ରୀ-କେନ୍ଦ୍ରମନ୍ତ୍ରୀ ଆଲୋଚନା

କେନ୍ଦ୍ର ଶକ୍ତି, ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହରଲାଲ ଖଟ୍ଟର ଭୁବନେଶ୍ୱରଠାରେ ଆଜି ତାଙ୍କ ବିଭାଗର ସମୀକ୍ଷା ବୈଠକ କରିଛନ୍ତି। ରାଜ୍ୟରେ ଚାଲିଥିବା ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବା ସହିତ ଫ୍ଲାଏଆସ୍‌ର ବ୍ୟବହାର ଉପରେ ପରିବେଶ ଏବଂ କୋଇଲା ମନ୍ତ୍ରଣାଳୟ ସହିତ ରେଳବାଇ ମନ୍ତ୍ରଣାଳୟ ସହିତ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଖଟ୍ଟର କହିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ବର୍ତ୍ତମାନ ୨୦ ଗିଗାୱାଟ୍ ବିଦ୍ୟୁତ୍ କୋଇଲାରୁ ଉତ୍ପାଦନ କରୁଛି। ଆସନ୍ତା ୫ ରୁ ୬ ବର୍ଷ ମଧ୍ୟରେ  ରାଜ୍ୟ ଆଉ ୧୦ ଗିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରିବ ବୋଲି ବୈଠକରେ ବିଭାଗୀୟ ଅଧିକାରୀମାନେ କହିଥିଲେ। ଶ୍ରୀ କହିଥିଲେ, ତାପଜ ବିଦ୍ୟୁତ୍‌କୁ ବ୍ୟବହାର କରିବା ପାଇଁ ଶ୍ରୀ ଖଟ୍ଟର ଗୁରୁତ୍ୱ ଦେଇଥିବା ଜଣାପଡିଛି। ଭୁବନେଶ୍ୱର-କଟକରେ ବିଦ୍ୟୁତ୍ ସରବରାହର ସମୀକ୍ଷା କରିଥିଲେ। ବିଦ୍ୟୁତ୍ ବିତରଣକାରୀ ସଂସ୍ଥା ଓପିଟିସିଏଲ୍‌ର କାର୍ଯ୍ୟକାରିତା

ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଖଟ୍ଟରଙ୍କୁ ଅବଗତ କରାଯାଇଥିଲା। ଚଳିତମାସ ଶେଷ ସୁଦ୍ଧା ଆନ୍ତଃ ରାଜ୍ୟ ବିଦ୍ୟୁତ୍ ସରବରାହ ପାଇଁ ସବୁଜ ଶକ୍ତି କରିଡର ସ୍ଥାପନ କରିବା ନେଇ ବୈଠକରେ ଆଲୋଚନା ହୋଇଥିବା ଜଣାପଡିଛି।

## କାଳବୈଶାଖୀ-ରାଜସ୍ୱ ମନ୍ତ୍ରୀ

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ଓ ଝଡ ତୋଫାନ ଯୋଗୁଁ କ୍ଷୟକ୍ଷତିର ଆକଳନ ପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୟୂରଭଂଜ ଜିଲ୍ଲା ଗସ୍ତ କରି ବିଭିନ୍ନ ସ୍ଥାନରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। କୁଆପଥର ଝଡ଼ ଯୋଗୁଁ ପ୍ରାଥମିକ ଆକଳନ ଅନୁସାରେ, ଜିଲ୍ଲାର ବାଙ୍ଗିରିପୋଷି, ବିଶୋୟୀ, କୁଳିଅଣା, ସାରସକଣା ଓ କରଞ୍ଜିଆ ବ୍ଲକ୍‌ର ମୋଟ୍ ୧୯ଟି ପଞ୍ଚାୟତର ୪୭ଟି ଗ୍ରାମର ୪ ହଜାର ୭୭୫ ଲୋକ ପ୍ରଭାବିତ ହୋଇଥିବା ଜଣାପଡିଛି। ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

**-V/O-** (Suresh Pujari)

ପ୍ରଶାସନ ତରଫରୁ ବିଭିନ୍ନ ସ୍ଥାନରେ ରିଲିଫ କେନ୍ଦ୍ର ଖୋଲାଯିବା ସହ କ୍ଷତିଗ୍ରସ୍ତ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି। ଘରଭାଙ୍ଗିଥିବା ଲୋକଙ୍କୁ ପ୍ରଶାସନ ତରଫରୁ ପଲିଥିନ୍ ଯୋଗାଇ ଦିଆଯାଇଛି। ପ୍ରଭାବିତ ଲୋକମାନଙ୍କୁ ଜରୁରୀ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଡାକ୍ତରୀ ଦଳଙ୍କୁ ମଧ୍ୟ ନିୟୋଜିତ କରାଯାଇଛି।

## ଜନଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଆସନ୍ତାକାଲି ବନ୍ଦ ରହିବ। ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଚାଲିଥିବାରୁ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଅଭିଯୋଗ ଶୁଣାଣି ବନ୍ଦ ରହିଥିବା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଏନ୍‌ଟିଏ-ସିୟୁଇଟି

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ପକ୍ଷରୁ ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୟୁଜି ୨୦୨୫ ନିମନ୍ତେ ଅନ୍‌ଲାଇନ୍ ଆବେଦନ ଫର୍ମ ଦାଖଲ ସମୟସୀମାକୁ ଆସନ୍ତାକାଲି ପର୍ଯ୍ୟନ୍ତ ବୃଦ୍ଧି କରିଛି । ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପରୀକ୍ଷା ଦେୟ ଦାଖଲ କରିବା ସମୟସୀମାକୁ ମଧ୍ୟ ମାର୍ଚ୍ଚ ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଛାତ୍ରଛାତ୍ରୀମାନେ ମାର୍ଚ୍ଚ ୨୬ରୁ ୨୮ତାରିଖ ପର୍ଯ୍ୟନ୍ତ ଆବେଦନ ପତ୍ରରେ ଆବଶ୍ୟକ ସଂଶୋଧନ କରିପାରିବେ ।

## ବଳିଦାନ ଦିବସ

ମହାନ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହ, ସୁକଦେବ ଥାପର ଏବଂ ରାଜଗୁରୁଙ୍କ ଆଜି ବଳିଦାନ ଦିବସ । ଇଂରେଜ ସରକାର ଆଜିର ଦିନରେ ୧୯୩୧ ମସିହାରେ ଏହି ତିନି ମହାନ୍ ଯୋଦ୍ଧାଙ୍କୁ ଫାଶୀ ଦେଇଥିଲେ । ବିପ୍ଳବୀଙ୍କ ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରି ପ୍ରତିବର୍ଷ ଦେଶରେ ଆଜିର ଦିନକୁ ଶହୀଦ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି।

**ଭଦ୍ରକ** ଜିଲ୍ଲା ଚରମ୍ପାଠାରେ ସହିଦ୍ ଦିବସ ପାଳିତ ହୋଇଯାଇଛି। ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଦେଶପାଇଁ ପ୍ରାଣବଳି ଦେଇଥିବା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବା ସହ ବିଭିନ୍ନ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜଗନ୍ନାଥ ମହୋତ୍ସବ

**ସୁବର୍ଣ୍ଣପୁର** ଜିଲ୍ଲା ରାମେଶ୍ୱରଠାରେ ଚାଲିଥିବା ଜଗନ୍ନାଥ ମହୋତ୍ସବରେ ଶ୍ରଦ୍ଧାଳୁଙ୍କର ଭିଡ ଲାଗି ରହିଛି। ଶ୍ରୀଜଗନ୍ନାଥଙ୍କର ୩୨ ବେଶ, ପଂଚକୁଣ୍ଡୀୟ ଯଜ୍ଞ ସହ ୨୪ ପ୍ରହର ନାମ ସଂକୀର୍ତ୍ତନ ଚାଲିଛି। ସନ୍ଧ୍ୟା ସମୟରେ ପ୍ରବଚନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ଖଡିଛୁଆଁ

ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲା ଡାବୁ ଗାଁ ବ୍ଲକ୍ ଗସ୍ତ କରି ବିଦ୍ୟାଳୟରେ ହେବାକୁ ଥିବା ଖଡିଛୁଆଁ ଓ ପ୍ରବେଶ ଉତ୍ସବ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିମନ୍ତ୍ରଣପତ୍ର ଅଭିଭାବକମାନଙ୍କୁ ବଣ୍ଟନ କରିଛନ୍ତି। ଆସନ୍ତା ୨ ତାରିଖରେ ହେବାକୁ ଥିବା ଖଡିଛୁଆଁ ଉତ୍ସବରେ ଅଭିଭାବକମାନେ ନିଜ ଶିଶୁମାନଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ମନ୍ତ୍ରୀ ଅନୁରୋଧ କରିଥିଲେ।

## ଆବିଷ୍କାର ଅଭିଯାନ

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ-୨୦୨୪-୨୫ ଅଧୀନରେ ନବରଙ୍ଗପୁର ଜିଲ୍ଲାର ୪୦୦ ଜଣ ଛାତ୍ରଛାତ୍ରୀ ପାଇଁ 'ଭ୍ରମଣ ସହ ଅଧ୍ୟୟନ ପରିଦର୍ଶନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ

ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରୁ ୪୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ କୋରାପୁଟ ବିଜ୍ଞାନ କେନ୍ଦ୍ର, ଜୟପୁର ଆଦିବାସୀ ସଂଗ୍ରହାଳୟ ଏବଂ କୋଲାବ୍ ଡ୍ୟାମ୍ ପରିଦର୍ଶନ କରିଥିଲେ।

## ନିଯୁକ୍ତି ମେଳା

ରାଜ୍ୟ ଦକ୍ଷତାବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଭଦ୍ରକ ମଠସାହିଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏବଂ ଜିଲ୍ଲାପାଳ ପ୍ରମୁଖ ଯୋଗଦେଇଥିଲେ। ମେଳାରେ ୧୦ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିବାବେଳେ ଆଗାମୀଦିନରେ ୧ ହଜାର ୨୭୪ ଜଣଙ୍କୁ ସରକାରୀ ଓ ଘରୋଇ ସଂସ୍ଥାରେ ପ୍ରଶିକ୍ଷଣ ପ୍ରଦାନ ପରେ ନିଯୁକ୍ତି ଦିଆଯିବ ବୋଲି ସୂଚନା ମିଳିଛି।

## ଗ୍ରୀଡ୍ ସବ୍‌ଷ୍ଟେସନ ଲୋକାର୍ପଣ

**ନବରଙ୍ଗପୁର** ଜିଲ୍ଲାର ଦୁଇଟି ଗ୍ରୀଡ୍ ସବ୍‌ଷ୍ଟେସନକୁ ଆଜି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଲୋକାର୍ପଣ କରିଛନ୍ତି। ଝରିଗାଁ ବ୍ଲକ୍‌ର ଧୋଡ୍ରାଠାରେ ଥିବା ୩୩/୧୧ କେ.ଭି. ପ୍ରାଥମିକ ସବ୍‌ଷ୍ଟେସନକୁ ପ୍ରାୟ ୨ ହଜାର ଉପଭୋକ୍ତାଙ୍କୁ ଏହାଦ୍ୱାରା ବିଦ୍ୟୁତ୍ ଯୋଗାଣ କରାଯାଇପାରିବ। ୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ପ୍ରାଥମିକ ସବ୍‌ଷ୍ଟେସନ୍‌ରୁ ଝରିଗାଁ ବ୍ଲକର ୬ଟି ଗ୍ରାମ ଓ ଉମରକୋଟ ବ୍ଲକ୍‌ର ୪ଟି ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ସମ୍ଭବପର ହୋଇପାରିବ।

## ବିଶ୍ୱ ପାଣିପାଗ ଦିବସ

ମନୁଷ୍ୟ ସମାଜକୁ ପାଣିପାଗ ଏବଂ ଏଥିସହିତ ଜଡ଼ିତ ଜଳବାୟୁ ପରିବର୍ତ୍ତନ ବାବଦରେ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ପାଣିପାଗ ଦିବସ ପାଳନ କରାଯାଉଛି। ୧୯୫୦ ମସିହା ଆଜିର ଦିନରେ ସ୍ୱିଜରଲ୍ୟାଣ୍ଡର ଜେନେଭାଠାରେ ବିଶ୍ୱ ପାଣିପାଗ ବିଭାଗ ଗଠନ କରାଯାଇଥିଲା । ୧୯୬୧ ମସିହା ପରଠାରୁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ପାଣିପାଗ ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି, 'ପାଣିପାଗର ସଠିକ ପୂର୍ବାନୁମାନ କରି ବିପର୍ଯ୍ୟୟ ରୋକିବା।' ବିଭିନ୍ନ ଦେଶରେ ପାଣିପାଗ ଦିବସ ପାଳନ ଅବସରରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବା ସହିତ ବୈଜ୍ଞାନିକମାନେ ସେମାନଙ୍କର ସୁଚିନ୍ତିତ ବିଚାରଧାରାକୁ ଉପସ୍ଥାପିତ କରିଥାନ୍ତି।

ବିଶ୍ୱରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବ୍ୟାପକ ଧନଜୀବନ ନଷ୍ଟ ହେଉଥିବାବେଳେ ସମ୍ପ୍ରତି ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଯୋଗୁଁ ପାଣିପାଗ ପୂର୍ବାନୁମାନ କ୍ଷେତ୍ରରେ ଯଥେଷ୍ଟ ବିକାଶ ଘଟିଛି।

ଗତ ୭୫ ବର୍ଷ ମଧ୍ୟରେ ବିଶ୍ୱର ବିଭିନ୍ନ ପାଣିପାଗ ସଂସ୍ଥା ଜନସାଧାରଣ, ସରକାର ଏବଂ ବିଭିନ୍ନ ସଂଗଠନ ପାଇଁ ଯୋଗସୂତ୍ରକାରୀ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଛନ୍ତି। ସଠିକ ପାଣିପାଗ

ଆକଳନ ଓ ପୂର୍ବାନୁମାନ ଯୋଗୁଁ ଲକ୍ଷ ଲକ୍ଷ ଜୀବନ ରକ୍ଷା କରାଯାଇପାରୁଛି ।

## ପାଣିପାଗ-କାଳବୈଶାଖୀ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଛି । ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବରେ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ପାଇଁ ୧୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହି ଜିଲ୍ଲାଗୁଡ଼କ ହେଉଛି - ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, ଯାଜପୁର, ଖୋର୍ଦ୍ଧା, ପୁରୀ, ଢ଼େଙ୍କାନାଳ, ଅନୁଗୁଳ ଓ କେନ୍ଦୁଝର ।

## କାଳବୈଶାଖୀ-କ୍ଷୟକ୍ଷତି

**ନୂଆପଡା** ଜିଲ୍ଲା କୋମନା ବ୍ଲକ୍ ସୁନାବେଡା ଗ୍ରାମରେ କାଳବୈଶାଖୀଜନିତ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି । କୁଆପଥର ବର୍ଷାରେ ଘରର ଖପର ଛାତ ଭାଙ୍ଗିବା ସହ ଚାଷୀଙ୍କ ପନିପରିବା ନଷ୍ଟ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

******************************